ସକାଳ THE SAKALA



# ୨୯ରେ ଐତିହାସିକ ବଇଣ୍ଡା ଚନ୍ଦନ ଯାତ୍ରା

**ବଇଣ୍ଡା, ୨୫।୫(ସମିସ):** ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକର ଐତିହାସିକ ବଇଣ୍ଡା ଚନ୍ଦନ ଯାତ୍ରା ମେ ୨୯ରେ ଅନୁଷ୍ଠିତ ହେବ। ଏ ନେଇ ବଇଣ୍ଡା ଚନ୍ଦନ ଯାତ୍ରା କମିଟିର ସଭାପତି ଜିତେନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିନୀତ ସାହା, ଉଗ୍ରସେନ ସେଠୀ, ମାନସ ସାହୁ, ଗିରିଶ ବେହେରା, ଜମ୍ବେଶ୍ୱର ସାହୁ, ଲଛମନ ଦାସ, ପରିକ୍ଷିତ ସାହୁଙ୍କ ସମେତ ବହୁ ଅଞ୍ଚଳବାସୀ ଯୋଗ ଦେଇଥିଲେ। କିଭଳି ଯାତ୍ରା ଧୁମଧାମରେ ପାଳନ ହେବ, ସେ ନେଇ ଆଲୋଚନା କରାଯାଇଥିଲା। ବିଶେଷ କରି ଯାତ୍ରା ଗୋଟିଏ ଦିନ ସହ ୪ ଦିନ ବିଭିନ୍ନ ପ୍ରକାର ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଯାତ୍ରାରେ ଲଉଡ଼ି ଖେଳ, ଘଣ୍ଟବାଦ୍ୟ, ମହିଳା ସଙ୍କୀର୍ତ୍ତନ, ହାତୀ, ଘୋଡ଼ାନାଚ, ରାଜାରାଣୀ ନାଚ, ଫୁଲ ପନସା, ଦୁଲୁଦୁଲି ବାଦ୍ୟ, ଆତସବାଜି ତଥା ଡବଲ ଡିଜେ ପରିବେଷଣ ପାଇଁ ନିଷ୍ପତ୍ତି ହୋଇଛି। ଏଥିରେ ସମସ୍ତେ ସହଯୋଗ କରିବା ପାଇଁ ଚନ୍ଦନ ଯାତ୍ରା କମିଟି ପକ୍ଷରୁ ନିବେଦନ କରାଯାଇଛି।

### ସରିଲା ଭୋଟ; ଇଭିଏମ୍‌ରେ ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍

# ପାଲଲହଡ଼ାରେ ୭୪% ରୁ ଅଧିକ ମତଦାନ



**ପାଲଲହଡ଼ା, ୨୫।୫(ସମିସ):** ଅନୁଗୋଳ ଜିଲ୍ଲା ପାଲଲହଡ଼ା ବିଧାନସଭା ଓ ଢେଙ୍କାନାଳ ଲୋକସଭା ପାଇଁ ଶନିବାର ମତଦାନ ଶେଷ ହୋଇଛି। ସନ୍ଧ୍ୟା ୭ ଘଟିକା ସୁଦ୍ଧା ୭୪% ରୁ ଅଧିକ ମତଦାନ ହୋଇଥିବା ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି। ବିଜେଡି ପ୍ରାର୍ଥୀ ମୁକେଶ ପାଲ ନିଜ ପତ୍ନୀଙ୍କ ସହିତ ପାଲଲହଡ଼ା ବ୍ଲକ ବାଲିପଶି ପଞ୍ଚାୟତର ୨୭ ନମ୍ବର ବୁଥରେ ମତଦାନ କରିଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଫକୀର ସାମଲ ବଜ୍ରକୋଟ ପଞ୍ଚାୟତ ୧୭୯ ନମ୍ବର ବୁଥରେ ମତଦାନ କରିଥିଲେ। ସେହିପରି ବିଜେପି ପ୍ରାର୍ଥୀ ଅଶୋକ ମହାନ୍ତି କୁଲେଇ ଗ୍ରାମପଞ୍ଚାୟତ ୨୦୬ ନମ୍ବର ବୁଥରେ ମତଦାନ କରିଥିଲେ। ସନ୍ଧ୍ୟା ସୁଦ୍ଧା ଅଧିକାଂଶ ଜାଗାରେ ମତଦାନ ସରିଥିବା ବେଳେ ଆଉ କିଛି ଜାଗାରେ ମତଦାନ ଜାରି ରହିଥିବା ସୂଚନା ମିଳିଛି। ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପୁଲିସ ବ୍ୟବସ୍ଥା ହୋଇଥିବା ବେଳେ ନମପଶି ଗ୍ରାମରେ ଥିବା ବୁଥରେ ସାମାନ୍ୟ ଉତ୍ତେଜନା ସହ ପୋଲିଂ ପାର୍ଟିକୁ ଗ୍ରାମର କିଛି ମହିଳା ଅଟକ ରଖିଥିବା ବେଳେ ପାଲଲହଡ଼ା ଥାନା ଅଧିକାରୀ ପାରାଓ ଟୁଡୁ ଘଟଣାସ୍ଥଳରେ ପହଞ୍ଚି ପୋଲିଂ ପାର୍ଟିକୁ ଉଦ୍ଧାର କରିଥିଲେ।

ଅନ୍ୟପଟେ ବିଭିନ୍ନ ସ୍ଥାନରେ ଇଭିଏମ ତ୍ରୁଟି ପାଇଁ ଭୋଟଦାନରେ ବିଳମ୍ବ ଦେଖା ଦେଇଥିବା ବେଳେ କିଛି ସ୍ଥାନରେ ତ୍ରୁଟିପୂର୍ଣ୍ଣ ଇଭିଏମକୁ ବଦଳା ଯାଇଥିଲା। କିଛି ଇଭିଏମକୁ ଅଧିକାରୀମାନେ ସଜାଡ଼ି ଭୋଟଦାନକୁ ସ୍ୱାଭାବିକ କରାଇଥିବା ଦେଖିବାକୁ ମିଳିଥିଲା । କିଛି ବୁଥରେ ପିଇବା ପାଣିର ବ୍ୟବସ୍ଥା କରାଯାଇ ନଥିବା ଏବଂ କିଛି ବୁଥରେ ଖରାରୁ ରକ୍ଷାପାଇବା ପାଇଁ ଅସ୍ଥାୟୀ ଟେଣ୍ଟର ବ୍ୟବସ୍ଥା କରାଯାଇ ନଥିବାରୁ ଭୋଟରମାନେ ଖରାରେ ଠିଆ ହୋଇ ହଇରାଣ ହୋଇ ଅସନ୍ତୋଷ ଜାହିର କରିଥିଲେ।

# ଆଠମଲ୍ଲିକରେ ୬୬% ମତଦାନ



**ଆଠମଲ୍ଲିକ, ୨୫।୫(ସମିସ):** ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ୬୩ ରେ ଆଜି ଭୋଟଦାନ ଶାନ୍ତିଶୃଙ୍ଖଳାର ସହ ରାତି ୮ ସୁଦ୍ଧା ଜାରି ରହିଥିବା ଦେଖାଯାଇଥିଲା। ଗ୍ରାମାଞ୍ଚଳଠୁ ଧରି ସହରାଞ୍ଚଳ ସମସ୍ତ ବୁଥରେ ଆନନ୍ଦ ଉତ୍ସାହର ସହ ଭୋଟ ଦେବା ପାଇଁ ଭୋଟରମାନେ ଲମ୍ବା ଲାଇନରେ ଠିଆ ହୋଇଥିବା ଦେଖାଯାଇଥିଲା। ପ୍ରବଳ ଖରା ଓ ଗୁଳୁଗୁଳିକୁ ଖାତିର ନ କରି ଭୋଟ ଦେବାକୁ ସମସ୍ତ ବୁଥରେ ଭୋଟରଙ୍କ ଭିଡ଼ ଲାଗିଥିଲା। କିଛି କିଛି ବୁଥରେ ମେସିନ ଅଚଳ ଓ କୌଣସି କାରଣରୁ ଭୋଟଦାନ ପ୍ରକ୍ରିୟା ଆରମ୍ଭ ହେବା ବିଳମ୍ବିତ ହୋଇଥିଲା। କାଁ ଭାଁ କିଛି ବୁଥରେ ଉତ୍ତେଜନା ପ୍ରକାଶ ପାଇଥିଲେ ମଧ୍ୟ ମୋଟା ମୋଟି ଭାବରେ ଶାନ୍ତିପୂର୍ଣ୍ଣ ଥିଲା ବୋଲି ଏସଡିପିଓ ବାଳକୃଷ୍ଣ କଅଁର ସୂଚନା ଦେଇଛନ୍ତି। ରାତି ୮ ଟା ସୁଦ୍ଧା ଅଧିକାଂଶ ବୁଥରେ ଭୋଟଦାନ ପ୍ରକ୍ରିୟା ଜାରି ରହିଥିଲା। ୪ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ଆଜି ସିଲ୍ ହୋଇଥିବା ବେଳେ ଜୁନ ୪ ତାରିଖରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇଲା ପରେ ସ୍ପଷ୍ଟ ଚିତ୍ର ଜଣାପଡ଼ିବ।

### ସନ୍ଧ୍ୟାରାଣୀ ଦାସଙ୍କ ସପକ୍ଷରେ ୨୧ନଂ ୱାର୍ଡବାସୀ

# 'ଜନସମାଗମ ଦେଖି ଲାଗୁଛି ମୋ ସ୍ୱାମୀ ଏଠାକୁ ଆସିଛନ୍ତି'

**ବ୍ୟାସନଗର, ୨୫।୫(ସମିସ)**




ବ୍ୟାସନଗର ପୌର ପରିଷଦର ୨୧ନଂ ୱାର୍ଡ ବିଜୁ ଜନତା ଦଳ ଗଠନ ହେବା ଦିନଠୁ ବିଜୁ ଜନତା ଦଳର ଗଡ଼ ଭାବେ ପରିଗଣିତ ହୋଇଆସିଛି। ସାଧାରଣ ନିର୍ବାଚନ ହେଉ କି ପୌର ନିର୍ବାଚନ, ବିଧାୟକ ପ୍ରାର୍ଥୀ ହୁଅନ୍ତୁ କି ସାଂସଦ ପ୍ରାର୍ଥୀ ହୁଅନ୍ତୁ ଏହି ୱାର୍ଡର ଜନତା ସଦାସର୍ବଦା ବିଜୁ ଜନତା ଦଳର ପ୍ରାର୍ଥୀ ଓ ପ୍ରାର୍ଥିନୀଙ୍କୁ ବିନା ଦ୍ୱିଧାରେ ବିପୁଳ ସଂଖ୍ୟାରେ ସର୍ବାଧିକ ପରିମାଣରେ ଭୋଟ ଦେଇ ଜିତାଇବାରେ ସହାୟକ ହୋଇଛନ୍ତି। ଆଜି ଏହି ୱାର୍ଡରେ ଅନୁଷ୍ଠିତ ବିଜୁ ଜନତା ଦଳର ସାଧାରଣ ସଭାରେ ଦଳର ବିଧାୟିକ ପ୍ରାର୍ଥିନୀ ସନ୍ଧ୍ୟାରାଣୀ ଦାସ ଯୋଗ ଦେଇ ଆଗାମୀ ୧ ତାରିଖରେ ତାଙ୍କୁ ଓ ସାଂସଦ ପ୍ରାର୍ଥିନୀ ଶର୍ମିଷ୍ଠା ସେଠୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ବିକାଶ ଧାରାରେ ସାମିଲ ହେବାକୁ ଆଶୀର୍ବାଦ କାମନା କରିଛନ୍ତି।

ସାଧାରଣ ସଭା ପୂର୍ବରୁ ସନ୍ତରା ବିଜୁ ଜନତା ଦଳ ପକ୍ଷରୁ ସନ୍ତରା ଛକରୁ ଏକ ବିରାଟ ଶୋଭାଯାତ୍ରାରେ ସନ୍ଧ୍ୟାରାଣୀ ଦାସଙ୍କୁ ସଭାସ୍ଥଳକୁ ପାଛୋଟି ନେଇଥିଲେ କର୍ମୀ। ବ୍ୟାସନଗରର ପୂର୍ବତନ ନଗରପାଳ ତଥା ବରିଷ୍ଠ ବିଜେଡି ନେତା ରସାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ଯାଜପୁର ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ସବିତା ରାଉତ, ସ୍ଥାନୀୟ କାଉନସିଲର ଊର୍ମିଳା ପରିଡ଼ା, ପୂର୍ବତନ କାଉନସିଲର ତଥା ବିଜୁ ଯୁବ ଜନତା ଦଳ ସଭାପତି ବ୍ୟାସନଗର ମନୋଜ ପରିଡ଼ା, ବରିଷ୍ଠ ମୁରବୀ ଜନାର୍ଦ୍ଦନ ରାଉତ ଓ ଗ୍ରାମର ଶତାଧିକ ମୁରବୀ ପୁଷ୍ପଗୁଚ୍ଛ ଦେଇ ଶ୍ରୀମତୀ ଦାସଙ୍କୁ ସ୍ୱାଗତ କରିଥିଲେ। ଶ୍ରୀମତୀ ଦାସ ୨୧ନଂ ୱାର୍ଡବାସୀଙ୍କ ଏପରି ଅଭ୍ୟର୍ଥନାରେ ମୁଗ୍ଧ ହେବା ସହିତ ଆଗାମୀ ଦିନରେ କୋରେଇ ମହାବିକାଶ ଦେଖିବ ଓ ଏହା ରାଜ୍ୟର ସବୁଠାରୁ ଅଧିକ ଉନ୍ନତ ନିର୍ବାଚନମଣ୍ଡଳୀର ଆଖ୍ୟା ପାଇବ।

ଆପଣମାନେ ମୋ ସ୍ୱାମୀଙ୍କୁ ଦେଇଥିବା ଭଲ ପାଇବାର ପ୍ରତିଫଳନ ଆଉ କିଛି ଦିନ ପରେ ଫେରି ପାଇବେ। ଆଜିର ଜନସମାଗମ ଦେଖି ଶ୍ରୀମତୀ ଦାସ ଭାବବିହ୍ୱଳ ହେବା ସହିତ ସତେ ଯେମିତି ମନେ ହେଉଛି ତାଙ୍କ ଦିବଂଗତ ସ୍ୱାମୀ ଅଶୋକ ଦାସ ଏବେବି ଏଠାରେ ଛିଡା ହୋଇଛନ୍ତି। ଆପଣମାନଙ୍କ ଅକୁଣ୍ଠ ସ୍ନେହ ଶ୍ରଦ୍ଧା ପାଇଁ ଆମ ପରିବାର କୋରେଇ ଓ ବ୍ୟାସନଗରବାସୀଙ୍କ ନିକଟରେ ଚିର ଋଣୀ। ଆପଣଙ୍କ ପ୍ରିୟ ଭାଇ ତଥା ମୋ ପୁଅ ବବି କୋରେଇର ବିକାଶ ପାଇଁ ସମସ୍ତ ଯୋଜନା ପ୍ରସ୍ତୁତ କରି ରଖିଛି। ଚଳିତ ନିର୍ବାଚନରେ ବିଜୁ ଜନତା ଦଳର ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଆଶୀର୍ବାଦ କରିବାକୁ ମୁ ନିବେଦନ କରୁଛି।

ଜିଲ୍ଲା ମହିଳା ସଭାନେତ୍ରୀ ଶ୍ରୀମତୀ ସବିତା ରାଉତ କହିଥିଲେ, ବର୍ତ୍ତମାନ ବିରୋଧୀ ସ୍ୱାଭିମାନର କଥା କହି ଆପଣଙ୍କୁ ଦିଶାହୀନ କରାଇବାକୁ ଚେଷ୍ଟା କରୁଥିବା କହିଥିଲେ। କୋରେଇର ବିକାଶ ପାଇଁ ଦୁଇଥର ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ସେ ନିବେଦନ କରିଥିଲେ। ସ୍ଥାନୀୟ କାଉନସିଲରଙ୍କ ସ୍ୱାମୀ ତଥା ଯୁବ ସଭାପତି ମନୋଜ ପରିଡ଼ା ନିଜ ବକ୍ତବ୍ୟରେ ୨୧ନଂ ୱାର୍ଡରେ ବିଜୁ ଜନତା ଦଳକୁ ସର୍ବାଧିକ ଭୋଟ ଦେଇ ବିଜୟର ସାରଥୀ କରିଛି। ଏଥିରେ ମୋ ୱାର୍ଡବାସୀଙ୍କ ଅକୁଣ୍ଠ ସମର୍ଥନକୁ ମୁଁ ମଥାପାତି ପ୍ରଣିପାତ କରୁଛି। ଆଗାମୀ ଦିନରେ ୨୧ନଂ ୱାର୍ଡ ମଧ୍ୟ ଏହି ଧାରା ବଜାୟ ରଖିବ ବୋଲି ସ୍ଥାନୀୟ କାଉନସିଲର ଊର୍ମିଳା ପରିଡ଼ା ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସନ୍ତରା ୨୧ନଂ ୱାର୍ଡର ସମସ୍ତ ବିଜୁ ଜନତା ଦଳର ଛାମୁଆ ସଂଗଠନର କର୍ମୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ପାଣିକୋଇଲି ଥାନା ଅଞ୍ଚଳରୁ ସିରିଜ୍ ବାଇକ୍ ଚୋରି

**ପାଣିକୋଇଲି, ୨୫।୫(ସମିସ):** ପାଣିକୋଇଲି ଥାନା ଅଞ୍ଚଳରୁ ଦୁଇଦିନ ମଧ୍ୟରେ ଦୁଇଟି ବାଇକ୍ ଚୋରି ହେବା ନେଇ ଥାନାରେ ଅଭିଯୋଗ ହୋଇଛି। ଗତ ୨୩ ତାରିଖ ରାତିରେ ପାଣିକୋଇଲି -ଆଙ୍ଗୁଲା ରାସ୍ତାର ଶନିମନ୍ଦିର ନିକଟରେ ରହୁଥିବା ମନୋଜ ମହାପାତ୍ର ସବୁଦିନ ଭଳି ନିଜ ହୋଣ୍ଡା ସାଇନ ବାଇକ୍ ଘର ଆଗରେ ରଖିଥିଲେ। ମାତ୍ର ସକାଳୁ ଉଠି ନିଜ ବାଇକ୍‌କୁ ଉକ୍ତ ସ୍ଥାନରେ ପାଇ ନ ଥିଲେ। ବହୁତ ଖୋଜାଖୋଜି ପରେ ନ ପାଇବାରୁ ସେ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଥାନାର ଅନତିଦୂର ରାଜ ବୁକ୍ ଷ୍ଟୋରର ଉପର ତାଲାରେ ଭଡ଼ାରେ ରହୁଥିବା କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଅଞ୍ଚଳର ସୌରଭ ଦାସ ନିଜ ବାଇକ୍‌କୁ ସବୁଦିନ ଭଳି ୨୪ ତାରିଖ ଦିନ ତଳେ ରଖିଥିଲେ। ସକାଳୁ ଉଠି ଦେଖିବା ବେଳକୁ ବାଇକ୍ ନ ଥିବା ଦେଖି ବହୁତ ଖୋଜାଖୋଜି କରିବା ପରେ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଦୁଇଟି ଅଭିଯୋଗକୁ ଗ୍ରହଣ କରି ତଦନ୍ତ ଚାଲୁ ରଖିଥିବାବେଳେ ଦୁଇଦିନ ମଧ୍ୟରେ ଦୁଇଟି ବାଇକ ଚୋରି ହେବା ପୁଲିସର ମୁଣ୍ଡବ୍ୟଥା ବଢ଼ାଇ ଦେଇଛି।

# କଷବା କଲ୍ୟାଣ ଆଶ୍ରମର ବାର୍ଷିକ ଯଜ୍ଞ

**ମଙ୍ଗଳପୁର, ୨୫।୫(ସମିସ):** ଦଶରଥପୁର ବ୍ଲକ ଥାଲକୁଡ଼ି ପଞ୍ଚାୟତସ୍ଥ ଥାଲକୁଡ଼ି କଷବା ଗ୍ରାମର କଲ୍ୟାଣ ଆଶ୍ରମ ଯଜ୍ଞ ପଡ଼ିଆରେ ବାର୍ଷିକ ଯଜ୍ଞ ମହୋତ୍ସବ ଉଦଯାପିତ ହୋଇଯାଇଛି। ମଙ୍ଗଳବାର ପ୍ରାତଃରେ ଜାଗରଣ ମନ୍ତ୍ର, ପ୍ରଭାତ ଫେରି ଓ ଧ୍ୱଜା ଉତ୍ତୋଳନ ହେବା ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଯଜ୍ଞରେ ସନ୍ୟାସୀ ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ, ପଣ୍ଡିତ ନକୂଳଦେବ ଶାସ୍ତ୍ରୀ, ପଣ୍ଡିତ ସୁଧାକର ଶାସ୍ତ୍ରୀ, ବ୍ରହ୍ମଚାରୀ ନୃସିଂହଜୀଙ୍କ ସମେତ ଭଦ୍ରକସ୍ଥ ଆଚାର୍ଯ୍ୟ ମହାପୁରୁଷ ଆଶ୍ରମର ବ୍ରହ୍ମଚାରୀ ଯୋଗ ଦେଇ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ଚଳିତ ବର୍ଷ ୫୧ କୁଣ୍ଡିୟ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ତିନିଦିନ ଧରି ସନ୍ଧ୍ୟାରେ ଯଜ୍ଞ ମଣ୍ଡପ ନିକଟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯଜ୍ଞ କାର୍ଯ୍ୟ ପରିଚାଳନାରେ କଲ୍ୟାଣ ଆଶ୍ରମ ଯଜ୍ଞ କମିଟି ସଭାପତି ବିଜୟ କୁମାର ପାତ୍ର, ସମ୍ପାଦକ ବିଚିତ୍ରାନନ୍ଦ ମଲ୍ଲିକ, ଉପସଭାପତି ଘନଶ୍ୟାମ ସାହୁ, ସତ୍ୟପ୍ରକାଶ ଦାଶ ଓ କୋଷାଧକ୍ଷ ରାଜେନ୍ଦ୍ର ସାହୁଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ଲକ୍ଷ୍ମୀନୃସିଂହଙ୍କ ଜନ୍ମୋତ୍ସବ

**ପାଣିକୋଇଲି, ୨୫।୫(ସମିସ):** ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ଚାନ୍ଦପୁର ଗ୍ରାମର ଲକ୍ଷ୍ମୀନୃସିଂହ ମନ୍ଦିରରେ ପ୍ରଭୁଙ୍କ ଜନ୍ମୋତ୍ସବ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଛି। ଗ୍ରାମର ସମସ୍ତ ଅଧିବାସୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଜନ୍ମୋତ୍ସବକୁ ପାଳନ କରିଛନ୍ତି। ପ୍ରତ୍ୟୁଷରୁ ମହାସ୍ନାନ, ଆଳତି, ଷୋଡ଼ଶ ଉପଚାର ପୂଜା, ହନୁମାନ ଚାଳିଶା ଜପ କରାଯାଇଥିଠିଲା। ମହାରଜ କୃପାରାମ ଦାଶଙ୍କ ତତ୍ତ୍ୱାବଧାନରେ ରଘୁନାଥ ପାଢ଼ୀଙ୍କ ଦ୍ୱାରା କାର୍ଯ୍ୟକ୍ରମ କରାଯାଇଥିଲା। ବିଷ୍ଣୁ ଚରଣ ରାଉତ, ନାରାୟଣ ଚନ୍ଦ୍ର ପଣ୍ଡା, ବଟକୃଷ୍ଣ ସ୍ୱାଇଁ, ଅନିରୁଦ୍ଧ ସ୍ୱାଇଁ, ମନ୍ମଥ ପଣ୍ଡା, ଅନୀଲ ରାଉତ, ବ୍ରଜକିଶୋର ସ୍ୱାଇଁ, ଶିବ ପରିଡ଼ା, ଆଶୀର୍ବାଦ ସ୍ୱାଇଁ, ପ୍ରଦୀପ ପଣ୍ଡା, କଳ୍ପନା ପରିଡ଼ା, ରେଚିତା ସ୍ୱାଇଁ, ଭାରତୀ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସିଂହପୁରରେ ବିଶ୍ୱଶାନ୍ତି ମହାଯଜ୍ଞ



**ସିଂହପୁର, ୨୫।୫(ସମିସ):** ବିଂଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର କାକୁଡ଼ି ପଡ଼ିଆ ମଠରେ ବିଶ୍ୱଶାନ୍ତି ମହାଯଜ୍ଞ ୧୬ ତାରିଖରୁ ଆରମ୍ଭ ହୋଇ ୨୩ ତାରିଖରେ ପୂର୍ଣ୍ଣାହୁତି ହୋଇଛି। ଏଥିରେ ଅଙ୍କୁରାରୋପଣ, ଅଗ୍ନିସ୍ଥାପନ, ଯଜ୍ଞାହୁତି, ଭଜନ ସମାରୋହ ଓ ପିଲାଙ୍କ ଦ୍ୱାରା ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୂର୍ଣ୍ଣାହୁତି ଦିନ ବହୁ ଜନସମାଗମ ହୋଇଥିଲା। ବାବାଜୀ କେଶନ ଚରଣ ଦାସ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ। ଶ୍ରଦ୍ଧାଳୁ ସହଯୋଗ କରିଥିଲେ।

# ଚୋରା ବିଦେଶୀମଦ ଜବତ; ଜଣେ ଗିରଫ

**ସୁକିନ୍ଦା, ୨୫।୫(ସମିସ):** ସୁକିନ୍ଦା ଅବକାରୀ ବିଭାଗ ପକ୍ଷରୁ ଟମକା ଅଞ୍ଚଳରେ ଚଢ଼ଉ କରି ୨୦ ଲିଟର ବିଦେଶୀ ମଦ ଜବତ କରିବା ସହ ଏହି କାରବାରରେ ସମ୍ପୃକ୍ତ ଦଶମନ୍ତ



ମାଝୀକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଟମକା ଥାନା ଅନ୍ତର୍ଗତ ପାଣ୍ଡୁବାହାଲି ଗ୍ରାମର ଦଶମନ୍ତ ମାଝି(୩୦) ବିଦେଶୀ ମଦ ନେଇ ଯାଉଥିବା ସୁକିନ୍ଦା ଅବକାରୀ ବିଭାଗ ଅଧିକାରୀ ଭରତ କୁମାର ମିଶ୍ର ବିଶେଷ ସୂତ୍ରରୁ ସୂଚନା ପାଇଥିଲେ। ଶ୍ରୀ ମିଶ୍ରଙ୍କ ନିର୍ଦ୍ଦେଶରେ ଏକ ଟିମ ପାଣ୍ଡୁବାହାଲି ଛକରେ ଶନିବାର ଦିନ ଅତର୍କିତ ଚଢ଼ଉ କରି ୪୦ ବୋତଲ ଚୋରା ବିଦେଶୀ ମଦ ଜବତ କରିବା ସହ ସମ୍ପୃକ୍ତ ଯୁବକକୁ ଗିରଫ କରି ୪୧/୨୪୨୫ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

# ଦଶରଥପୁର ଓ ଛଞ୍ଚିଣା ପଞ୍ଚାୟତରେ ବିଜେଡିର ମିଶ୍ରଣ ପର୍ବ



**ଦଶରଥପୁର, ୨୫।୫ (ସମିସ)**

ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡିର ବିଧାୟିକ ପ୍ରାର୍ଥିନୀ ସୁଜାତା ସାହୁଙ୍କୁ ଦିନକୁ ଦିନ ସବୁଠି ଆଶାଠାରୁ ଅଧିକ ସମର୍ଥନ ମିଳୁଥିବାବେଳେ ପ୍ରତିଦିନ ବିଭିନ୍ନ ପଞ୍ଚାୟତରେ ନୂଆ କରି ବହୁ ସଂଖ୍ୟାରେ ଯୁବକ ବିଜେଡି ପ୍ରତି ଆକର୍ଷିତ ହେଉଛନ୍ତି। ଏ ପରିପ୍ରେକ୍ଷୀରେ ନିର୍ବାଚନ ମଣ୍ଡଳୀ ଅଧୀନ ଦଶରଥପୁର ବ୍ଲକ ଦଶରଥପୁର ଓ ଛଞ୍ଚିଣା ପଞ୍ଚାୟତରେ ବିଜେଡି ପକ୍ଷରୁ ଏକ ମିଶ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଯୁବନେତା ପୀତାମ୍ବର ଦାସଙ୍କ ନେତୃତ୍ୱରେ ଦିଲ୍ଲୀପ ଦାସ, ଜ୍ୟୋତିକାନ୍ତ ଦାସ, ରାଜେଶ ସ୍ୱାଇଁ, ରବୀନ୍ଦ୍ର ପରିଡ଼ା, ଖଗେଶ୍ୱର ପରିଡ଼ା, ନରେନ୍ଦ୍ର ପରିଡ଼ା, କୈଳାସ ପରିଡ଼ା, ବିଜୟ ସ୍ୱାଇଁ, ଗଣନାଥ ସ୍ୱାଇଁ, ପ୍ରକାଶ ଜେନା, ମନୁଆ ଜେନା, ସଚିତାନନ୍ଦ ସ୍ୱାଇଁ, ପରିକ୍ଷିତ ଜେନା, ଦେବେନ୍ଦ୍ର ଜେନା, ଚନ୍ଦ୍ରକାନ୍ତ ଜେନା, ବିଷ୍ଣୁ ଚରଣ ଜେନା, କାଳନ୍ଦୀ ବେହେରା, ଖଗେଶ୍ୱର ଖଟୁଆ, କାଲାମ ଖାନ୍, ମାୟା ଜେନା, ନଟବର ଜେନା, ଅକ୍ଷୟ ଜେନାଙ୍କ ସମେତ ୪୦ରୁ ଅଧିକ ବିଜେପି ଦଳର କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ଯାଜପୁର ବିଧାୟକ ତଥା ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ କାଳୀମେଘାସ୍ଥ ବାସଭବନରେ ଅନୁଷ୍ଠିତ ଏହି ମିଶ୍ରଣ କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ, କୋରେଇ ବିଧାୟିକ ପ୍ରାର୍ଥିନୀ ସନ୍ଧ୍ୟାରାଣୀ ଦାସ ଓ ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ରଙ୍କ ସମସ୍ତ ନବାଗତଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ବିଜେଡିକୁ ସ୍ୱାଗତ କରିଥିଲେ।

# ଧର୍ମଶାଳାରେ ବିଜେଡିର ମିଶ୍ରଣ ପର୍ବ




ଧର୍ମଶାଳା, ୨୫।୫(ସମିସ): ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅଭୟପୁର ଓ କୋଟପୁର ପଞ୍ଚାୟତର ବିଜେପି ଓ ଅନ୍ୟ ଦଳର କର୍ମୀ ବିଧିବଦ୍ଧ ଭାବେ ଆଜି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଧର୍ମଶାଳାର ବିଜୁ ଜନତା କାର୍ଯ୍ୟାଳୟରେ ଧର୍ମଶାଳାର ବିଧାୟକ ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାୟଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ମିଶ୍ରଣ ପର୍ବରେ ପଞ୍ଚାୟତ ସମିତି ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଅଭୟପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ ଗନ୍ତାୟତ ଓ ବିଜେଡି ଛାତ୍ର ସଭାପତି ଜଗଦାନନ୍ଦ ରାଉତ ଉପସ୍ଥିତ ରହି ସହଯୋଗ କରିଥିବାବେଳେ ଏହି ମିଶ୍ରଣ ପର୍ବରେ ଅଭୟପୁର ପଞ୍ଚାୟତର ସୁଧାଂଶୁ ନାୟକ, ରାକେଶ ମହାନ୍ତି, ରାଜକିଶୋର ରାଉତ, ସରୋଜ ସାହୁ, ରାଜେନ୍ଦ୍ର ମହାନ୍ତି, ପ୍ରମିତ ବରାଳ, ଶିବସୁନ୍ଦର ଖଟୁଆ, ବିଭୂତିଭୂଷଣ ସ୍ୱାଇଁ, ସତ୍ୟଜିତ ସେଠୀ, ବବୁଲୁ ସାହୁ, ଶୁଭେନ୍ଦ୍ର ରାଉତ, ବିଭୂ ମହାନ୍ତି, ରାଜା ସେଠୀ, ସନ୍ଦୀପ ସାମଲ, ପ୍ରଭାତ କୁମାର ରାଉତ, ରୁଦ୍ରପ୍ରସାଦ ସ୍ୱାଇଁ, ସନ୍ଦୀପ ସାମଲ, ପ୍ରଭାତ ରାଉଳ, ଦୀପ୍ତିରଞ୍ଜନ ଦାସ, ପ୍ରଶାନ୍ତ ମଲିକ, ଅଭୟ ମଲିକ, ରାଜେଶ ମଲିକ, ଜୟଜିତ ମଲିକ, ରବି ମଲ୍ଲିକ, ସନ୍ତ ମଲିକ, ରାକେଶ ମଲିକ, କୁନା ମଲିକ, ମାନସ ରାଉତ, ଆନନ୍ଦ ଅନୁଭବ ମହାପାତ୍ରଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ବିଜେପି ଓ ଅନ୍ୟ ଦଳର କର୍ମୀ ବିଜେଡିରେ ଯୋଗ ଦେଇଥିବାବେଳେ କୋଟପୁର ପଞ୍ଚାୟତର ଦେବେନ୍ଦ୍ର ସାମଲ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଥିଲେ।

# ଭଜନ ସମ୍ରାଟ ଭିକାରୀ ବଳଙ୍କ ଜୟନ୍ତୀ ପାଳିତ



**ପଟ୍ଟାମୁଣ୍ଡାଇ,୨୫।୫(ସମିସ):** ପଟ୍ଟାମୁଣ୍ଡାଇର ଅଗ୍ରଣୀ ସଙ୍ଗୀତାନୁଷ୍ଠାନ ସ୍ୱର ତୀର୍ଥ ତରଫରୁ ସମ୍ରାଟ ଭିକାରୀ ବଳଙ୍କ ୯୫ତମ ଜୟନ୍ତୀ ଉତ୍ସବ ଅନୁଷ୍ଠାନର ସଭାପତି ବିଶିଷ୍ଟ କବି ଡାଃ ମନୋରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ କବି ଶମ୍ଭୁନାଥ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭଜନ ସମ୍ରାଟଙ୍କ ସ୍ମୃତି ଚାରଣ କରିଥିଲେ।ଅନୁଷ୍ଠାନର ଅଧ୍ୟକ୍ଷ ସଂଗୀତଜ୍ଞ ରବୀନ୍ଦ୍ରନାଥ ମିଶ୍ର, ବାଦ୍ୟଶିଳ୍ପୀ ଅମୃତରଞ୍ଜନ ଦାସ, କଣ୍ଠଶିଳ୍ପୀ ପ୍ରଫୁଲ୍ଲ କୁମାର ନାୟକ, ଜ୍ଞାନରଞ୍ଜନ ପରିଡ଼ା, ସୁଶ୍ରୀ ସାଗରିକା ପଣ୍ଡା ଓ ଲୋପିତା ସାହୁ ପ୍ରମୁଖ ଅଂଶଗ୍ରହଣ କରି ଭଜନ ସମ୍ରାଟ୍ ଗାଇଥିବା ଭଜନ ପରିବେଷଣ ସହିତ ତାଙ୍କ ସ୍ମୃତି ଚାରଣ କରିଥିଲେ।ଶେଷରେ ବାଦ୍ୟଶିଳ୍ପୀ ରଶ୍ମି ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବବିଙ୍କ ବିଜୟ ପାଇଁ ମା' ହିଙ୍ଗୁଳାଙ୍କ ନିକଟରେ ସମୂହ ପୂଜାର୍ଚ୍ଚନା

**ବ୍ୟାସନଗର,୨୫।୫(ସମିସ):** ଆଜି ରାଜ୍ୟରେ ତୃତୀୟ ପର୍ଯ୍ୟାୟରେ ନିର୍ବାଚନ ନିମନ୍ତେ ଭୋଟ ଗ୍ରହଣ ଶେଷ ହୋଇଛି। ଏହି ପର୍ଯ୍ୟାୟରେ ରାଜ୍ୟ ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ଆସନର ବିଜୁ ଜନତା ଦଳର ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କ ବିଜୟ ନିମନ୍ତେ ତାଙ୍କର ଶୁଭ ମନାସି ବିଜୁ ମହିଳା ଜନତା ଦଳ ପକ୍ଷରୁ କୋରେଇର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଛି। ଯାଜପୁର ଜିଲ୍ଲାର ଏହି ଲଢୁଆ ପୁଅ ତଥା ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦେଶକୁ ସମ୍ମାନ ଜଣାଇ ଚଳିତ ନିର୍ବାଚନରେ ସମ୍ବଲପୁର ସଂସଦୀୟ କ୍ଷେତ୍ରରେ ବିଜୁ ଜନତା ଦଳର ପ୍ରାର୍ଥୀ ଭାବେ ଉପନୀତ ହୋଇଛନ୍ତି। ତାଙ୍କ ବିଧାୟକ ସମୟରେ ଯାଜପୁର ନିର୍ବାଚନମଣ୍ଡଳୀରେ ହୋଇଥିବା ବିକାଶ ଏବେ ସାରା ଓଡ଼ିଶାରେ ଚର୍ଚ୍ଚା ସୃଷ୍ଟି କରିଛି। ଫଳରେ ତାଙ୍କୁ ନିଜ ଅଞ୍ଚଳରେ ନେତା ଭାବେ ପାଇ ତାଙ୍କ ଦୂରଦୃଷ୍ଟି ବଳରେ ନିଜ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଆଶା ବାନ୍ଧିଛନ୍ତି। ଏହି ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ସମ୍ବଲପୁରର ସାମଗ୍ରିକ ବିକାଶ ପାଇଁ ସେଠାରୁ ତାଙ୍କୁ ପ୍ରାର୍ଥୀ କରିଛନ୍ତି। ସମ୍ବଲପୁରର ଆରାଧ୍ୟ ଦେବୀ ମା' ସମଲେଶ୍ୱରୀ ମନ୍ଦିରର ରୂପାନ୍ତରଣରେ ପ୍ରଣବ ପ୍ରକାଶ ଦାସଙ୍କ ଅନେକ ଭୂମିକା ରହିଛି। ଆଜି ସମ୍ବଲପୁରରେ ନିର୍ବାଚନୀ ଭୋଟ ଗ୍ରହଣ କରାଯାଉଥିବାରୁ କୋରେଇ ସମେତ ମା' ସମଲେଶ୍ୱରୀଙ୍କ ପୀଠ, ମା' ବିରଜା ପୀଠରେ ଦୀପ ଜାଳି ତାଙ୍କ ବିଜୟ ନିମନ୍ତେ ପୂଜାର୍ଚ୍ଚନା କରାଯାଇଛି। ଯାଜପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା ନଳିନୀପ୍ରଭା ଜେନାଙ୍କ ନେତୃତ୍ୱରେ ଶତାଧିକ ବିଜୁ ମହିଳା ଜନତା ଦଳର କର୍ମୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ବବି ଭାଇଙ୍କ ବିଜୟ ନିମନ୍ତେ ମା' ହିଙ୍ଗୁଳାଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

# ପଟ୍ଟାମୁଣ୍ଡାଇରେ ଧ୍ରୁବଙ୍କ ବିଶାଳ ରୋଡ୍ ଶୋ'

**ପଟ୍ଟାମୁଣ୍ଡାଇ,୨୫।୫(ସମିସ)**

ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି, ବିଭିନ୍ନ ଦଳର ନିର୍ବାଚନ ପ୍ରଚାର ସେତେ ଜୋରଦାର ହେବାରେ ଲାଗିଛି ଓ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଗଡ଼ ଭାବେ ପରିଚିତ ରାଜନଗର ନିର୍ବାଚନ ମଣ୍ଡଳୀରେ ବିଜେଡିର ପ୍ରଚାର ଅଭିଯାନ ଜୋରଦାର ହୋଇଛି। ଏକ ବୃହତ ରେକର୍ଡ ବ୍ୟବଧାନରେ ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ବିଜୟୀ କରି ଇତିହାସ ସୃଷ୍ଟି କରିବାକୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛି ବିଜେଡି ଓ ବିକାଶ ଅସ୍ତ୍ରରେ ବିରୋଧୀଙ୍କୁ ଧରାଶାୟୀ କରିବାକୁ ବିଜେଡି କଳବଳ କୌଶଳ ଲଗାଇ ଦେଇଛି। ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ରାଜନଗର ବିଧାୟକ ତଥା ବିଜେଡି ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ବିଶାଳ ରୋଡ଼ସୋ କରି ସମଗ୍ର ଅଞ୍ଚଳକୁ ପ୍ରକମ୍ପିତ କରିବା ସହିତ ଶଙ୍ଖମୟ କରି ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରୁ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବିକାଶ ଶିଖର ଛୁଇଁ ଥିବାରୁ ବିଜେଡିକୁ ବିପୁଳ ଭୋଟରେ ଜୟଯୁକ୍ତ କରିବାକୁ ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ବିଭିନ୍ନ



ୱାର୍ଡକୁ ଯାଇ ଭୋଟରମାନଙ୍କୁ ନିବେଦନ କରିଥିଲେ। ପୋଖରୀଆପଡା ହରପାର୍ବତୀ ମନ୍ଦିରଠାରୁ ଆରମ୍ଭ ହୋଇଥିବା ଏହି ବିଶାଳ ରୋଡ଼ସୋରେ ଧ୍ରୁବଙ୍କ ସହିତ ଦଶପଲ୍ଲା ବିଧାୟକ ରମେଶ ବେହେରା, ପଟ୍ଟାମୁଣ୍ଡାଇ ପୌର ଅଧକ୍ଷ ହେମନ୍ତ ସାହୁ, ରାଜ୍ୟ ବିଜେଡି ସମ୍ପାଦକ ମିଟୁ ଦାଶ, ପଟ୍ଟାମୁଣ୍ଡାଇ ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା,ବ୍ଲକ ବିଜେଡି ସଭାପତି କିଶୋର ସାହୁ,ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଶ୍ରୀକାନ୍ତ ରାଉତ ଜିଲ୍ଲା ଯୁବବିଜେଡି ସମ୍ପାଦକ ଅଶୋକ ଧଳ, ସମାଜସେବୀ ସୁଶାନ୍ତ ପଣ୍ଡା, ଲଲାଟେନ୍ଦୁ ସ୍ୱାଇଁ, ବରିଷ୍ଠ ନେତା ଅମୂଲ୍ୟ ପ୍ରଧାନ, ଯୁବନେତା ଅବିନାଶ ଲେଙ୍କା,ପୌର ଉପାଧକ୍ଷା, ଅନୁପ୍ରିୟା ସାହୁ,ପୂର୍ବତନ ଉପାଧ୍ୟକ୍ଷ ସୁମନ୍ତ ପାତ୍ର,କାଉନସିଲର ସନ୍ତୋଷ ଦାସ, ଲକ୍ଷ୍ମୀପ୍ରିୟା ସାହୁ, ସୁଧାମୟ ମଲିକ, ମଧୁସ୍ମିତା ମଲିକ, ମଳୟ ଓଝା, ପ୍ରଶାନ୍ତ ବାରିକ, ପ୍ରିୟଙ୍କା ସେଠୀ, ଦଳିତ ନେତା ବାରେଣୀ ସେଠୀ, ବରିଷ୍ଠ ନେତା ସୁରେନ୍ଦ୍ର ଗିରି, ଯୁବନେତା ଦିଲ୍ଲୀପ ଜେନା, ପୂର୍ବତନ ହିରଣ୍ୟ ରାଉତ,ଜୟକୃଷ୍ଣ ରାଉତ ଓ ମଳୟ ମଲିକ, ଯୁବନେତା ଦିଲ୍ଲୀପ ସାହୁ, ତାପସ ପ୍ରଧାନ, ଅଭିରାମ ସ୍ୱାଇଁ, ଖୋକନ ବିଶ୍ୱାଳ ପ୍ରମୁଖ ବହୁ ବିଜେଡି ନେତା କର୍ମକର୍ତ୍ତା ଓ ଶହ ଶହ ବିଜେଡି କର୍ମୀ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବିଭିନ୍ନ ୱାର୍ଡକୁ ଯାଇ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଓ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ବିକାଶ ପାଇଁ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଜନସଚେତନତା ସୃଷ୍ଟି କରି ଉଭୟ ବିଧାୟକ ଓ ସାଂସଦ ପ୍ରାର୍ଥୀ ଧ୍ରୁବ ସାହୁ ଓ ଅଂଶୁମାନ ମହାନ୍ତିଙ୍କୁ ବିପୁଳ ଭୋଟରେ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ । ଧ୍ରୁବଙ୍କ ରୋଡ଼ ସୋ ପରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ରାଜନୀତି ସରଗରମ ହୋଇପଡିଛି । ଏହି ବିଶାଳ ରୋଡସୋକୁ ଯୁବନେତା ଅଶୋକ ଧଳ, ବାବନ ସାହୁ, ଅଭିରାମ ସ୍ୱାଇଁ, ଏମ ଡି ଫିରଦୋଷ ପରିଚାଳନା କରିଥିଲେ।

# ବିଭିନ୍ନ ପଞ୍ଚାୟତରେ ଅରବିନ୍ଦଙ୍କ ଜୋର୍‌ଦାର ପ୍ରଚାର



**ଡେରାବିଶ,୨୫।୫(ସମିସ)**

ପାଟକୁରା ନିର୍ବାଚନ ମଣ୍ଡଳୀ ଅଧୀନ ଡେରାବିଶ ବ୍ଲକର କୁରୁଜଙ୍ଗା, ଛୋଟି, ମଙ୍ଗଳପୁର, ବେଣିପୁର ଓ ରଘୁଦେଇପୁର ପଞ୍ଚାୟତରେ ବିଜେଡ଼ି ପକ୍ଷରୁ ଆଜି ପ୍ରଚାର କାର୍ଯ୍ୟ ଜୋରଦାର କରାଯାଇଛି। ଆଜି ପୂର୍ବାହ୍ନରେ କୁରୁଜଙ୍ଗା ହନୁମାନ ମନ୍ଦିରରେ ପାଟକୁରାର ବିଜେଡ଼ି ପ୍ରାର୍ଥୀ ଅରବିନ୍ଦ ମହାପାତ୍ର ପୂଜାର୍ଚ୍ଚନା କରି ତାଙ୍କର ପ୍ରଚାର କାର୍ଯ୍ୟ ଆରମ୍ଭ କରିଥିଲେ। ବ୍ଲକ ବିଜେଡ଼ି ସଭାପତି ଦେବାଶିଷ ଆଚାର୍ଯ୍ୟ, ବ୍ଲକ ଯୁବବିଜେଡ଼ି ସଭାପତି ଗୋଲଖ ସାହୁ, କୁରୁଜଙ୍ଗା ସରପଞ୍ଚ ମାନସୀ ସାମଲ, ସମାଜସେବୀ ସତ୍ୟରଞ୍ଜନ ସାମଲଙ୍କ ନେତୃତ୍ୱରେ ପଞ୍ଚାୟତର ଶହଶହ କର୍ମୀ ଏକ ବାଇକ୍ ର୍‌ୟାଲିରେ ବିଧାୟକ ପ୍ରାର୍ଥୀ ଶ୍ରୀ ମହାପାତ୍ର ପଞ୍ଚାୟତ ଅର୍ନ୍ତଗତ କୁରୁଜଙ୍ଗା, ନୂଆଗାଁ, ମନ୍ତ୍ରିପଡ଼ା, ମହେଶପୁର, ବଡ଼ମଙ୍ଗରାଜପୁର, ଆମ୍ଭୁରା ପ୍ରଭୃତି ଗ୍ରାମକୁ ଯାଇ ଭୋଟ ଭିକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଭବାନୀ ଓଝା, ବଟକୃଷ୍ଣ ସାମଲ, ଗୋଲଖ ମହାଭୋଇ, ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ପରେ ଶ୍ରୀ ମହାପାତ୍ରଙ୍କୁ ଛୋଟି ପଞ୍ଚାୟତର ଛୋଟିଠାରେ ସରପଞ୍ଚ ରଜନୀ ମଲିକ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ପରେ ଶ୍ରୀମତୀ ମଲ୍ଲିକ, ରନ କୁମାର ଦାସ, ସରଳରେଖା ସାହୁ ପ୍ରମୁଖଙ୍କ ନେତୃରେ ଏକ ବାଇକ୍ ର୍‌ୟାଲିରେ ଶ୍ରୀ ମହାପାତ୍ର ଛୋଟି ପଞ୍ଚାୟତର ଛୋଟି, ଗୁଣ୍ଡୁପୁର, ନୁରୁଖାପାଟଣା, ସାତପାଡ଼ି, ଚକରଘୁନାଥପୁର ଓ ନେତୁଆ ଆଦି ଗ୍ରାମକୁ ଯାଇ ଘରକୁ ଘର ବୁଲି ଯୋଡ଼ି ଶଙ୍ଖରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ସେଠାରୁ ଶ୍ରୀ ମହାପାତ୍ର ଏକ ବାଇକ୍ ର୍‌ୟାଲିରେ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମକୁ ଯାଇ ଘରକୁ ଘର ବୁଲି ଭୋଟ ଭିକ୍ଷା କରିଥିଲେ।

# କେନ୍ଦ୍ରାପଡ଼ା ବ୍ଲକ୍ କଂଗ୍ରେସ ସଭାପତି ହେଲେ ଭାଗୀରଥି

**କେନ୍ଦ୍ରାପଡା,୨୫।୫(ସମିସ):** କେନ୍ଦ୍ରାପଡା ବ୍ଲକ କଂଗ୍ରେସ ସଭାପତି ଭାବେ ବାରୋ ପଞ୍ଚାୟତର ପୂର୍ବତନ ସରପଞ୍ଚ ଭାଗୀରଥି ଜେନାଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। କେନ୍ଦ୍ରାପଡାରେ କଂଗ୍ରେସ ଦଳର ସଂଗଠନକୁ ସୁଦୃଢ଼ କରିବାକୁ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ କେନ୍ଦ୍ରାପଡା ବ୍ଲକ କଂଗ୍ରେସ ସଭାପତି ଭାବେ ଶ୍ରୀ ଜେନାଙ୍କୁ ନିଯୁକ୍ତି ପ୍ରଦାନ କରିଥିବା ସମ୍ପର୍କରେ ଓଡିଶା ପ୍ରଦେଶ କଂଗ୍ରେସ କମିଟିର ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ ଜିଲ୍ଲା କଂଗ୍ରେସ ସଭାପତି ଲୋକନାଥ ମହାରଥିଙ୍କୁ ଏକ ପତ୍ର ମାଧ୍ୟମରେ ଜଣାଇଛନ୍ତି। ନବ ନିଯୁକ୍ତ ସଭାପତି ଜେନା ପୂର୍ବରୁ ମଧ୍ୟ କେନ୍ଦ୍ରାପଡା ବ୍ଲକ କଂଗ୍ରେସ ସଭାପତି ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ଏହି ନିଯୁକ୍ତି ନେଇ ଶ୍ରୀ ଜେନାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଏଥିସହିତ କେନ୍ଦ୍ରାପଡା ନଗର କଂଗ୍ରେସ ସଭାପତି ଭାବେ ଅବଦୁଲ କରିମ ଖାନ୍‌ଙ୍କୁ ମଧ୍ୟ ନିଯୁକ୍ତି ପ୍ରଦାନ କରାଯାଇଛି।

# ପ୍ରସନ୍ନ ସାମଲ ଯାଜପୁର ଜିଲ୍ଲା ବିଜେପି ଉପସଭାପତି

**ଯାଜପୁର,୨୫।୫(ସମିସ):** ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ଯାଜପୁର ଜିଲ୍ଲା ବିଜେପି ଉପସଭାପତି ଭାବେ ପ୍ରସନ୍ନ କୁମାର ସାମଲଙ୍କୁ ନିଯୁକ୍ତି ଦିଆଯାଇଛି। ଶ୍ରୀ ସାମଲ ଯାଜପୁର ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦ ସଭାପତି, ବଜରଙ୍ଗ ଦଳ ଜିଲ୍ଲା ସଂଯୋଜକ ଓ ବ୍ୟାସନଗର ମ୍ୟୁନସିପାଲିଟିର ପୂର୍ବତନ କାଉନସିଲର ଥିଲେ। ଏ ନେଇ ଶ୍ରୀ ସାମଲ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଜିଲ୍ଲା ବିଜେପି ସଭାପତି ଗୌତମ ରାୟ ଓ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଆଶୁତୋଷ ପରିଡ଼ାଙ୍କୁ କୃତଜ୍ଞତା ଜଣାଇଛନ୍ତି।

**ପ୍ରଚାରକୁ ଜୋର୍‌ଦାର କଲା ବିଜେଡି**

# ଗାଁ ଗାଁ ବୁଲି ଆଶୀର୍ବାଦ ଭିକ୍ଷା କଲେ ସୁଜାତା

**ଯାଜପୁର, ୨୫।୫(ସମିସ)**

ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି ପ୍ରାର୍ଥୀ, କର୍ମୀ ଓ ଭୋଟରଙ୍କ ମଧ୍ୟରେ ସମପରିମାଣରେ ଉଷ୍ମତା ପରିଲକ୍ଷିତ ହେଉଛି। ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀର ବିଜୁ ଜନତା ଦଳ ପ୍ରାର୍ଥିନୀ ସୁଜାତା ସାହୁ ମାରାଥନ୍ ପ୍ରଚାର କରୁଛନ୍ତି। ଆଜି ଯାଜପୁର ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ପଞ୍ଚାୟତର କବିରପୁର ଦଶହରା ପଡ଼ିଆରେ ମା' ରକ୍ଷାକାଳୀଙ୍କ ନିକଟରେ ପୂଜାର୍ଚ୍ଚନା କରି ଏକ ବାଇକ୍ ଶୋଭାଯାତ୍ରାରେ ବାହାରି ଗାଁକୁ ଗାଁ ବୁଲି ନିଜ ସପକ୍ଷରେ ଭୋଟ ଭିକ୍ଷା କରିବା ସହ ଭୋଟରଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ପ୍ରାର୍ଥିନୀ ସୁଜାତା ବିଜୁ ଜନତା ଦଳର ବରିଷ୍ଠ ନେତା ବ୍ରଜକିଶୋର ପାଢ଼ୀ, ଜିଲ୍ଲା ବିଜୁ ଜନତା ଦଳର ଉପସଭାପତି ପ୍ରକାଶ ତ୍ରିପାଠୀ, ୩୦ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟା ସୁନୀତା ରାଉତ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ମହାଲୟା ପାତ୍ର, ସମିତିସଭ୍ୟା ସ୍ମୃତିରେଖା ସାମଲ, ଯାଜପୁର ବ୍ଲକ ସ୍ୱୟଂ ସହାୟିକା ଗୋଷ୍ଠୀ ସଭାନେତ୍ରୀ ସରସ୍ୱତୀ ବଳ, ସ୍ଥାନୀୟ ସରପଞ୍ଚ ସୁଜିତ ରାୟ, ପୂର୍ବତନ ସରପଞ୍ଚ ଦୀନବନ୍ଧୁ ମଲ୍ଲିକ, କାମିନୀ ମଲିକ, ଜିଲ୍ଲା ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ଅମିତ ରାଉତ, ପ୍ରଦୀପ ତରାଇ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ବିଜୟ ଦଳେଇ, ଯୁବନେତା ଗୌରାଙ୍ଗ ସାମଲ, ଅନାଦୀ ଚରଣ ସାହୁ, ବିଜୁ ଜନତା ଦଳର ବରିଷ୍ଠ ସଭ୍ୟ ଦାମୋଦର ସାହୁ, ସଞ୍ଜୟ ସ୍ୱାଇଁ, ରମେଶ ଭଞ୍ଜ, ଯୁବନେତା ଗଦାଧର ମଲ୍ଲିକ, ଛାତ୍ର ବିଜୁ ଜନତା ଦଳର ସଭାପତି ଶ୍ରୀରାମ ଭଞ୍ଜଙ୍କ ସହ ଶତାଧିକ କର୍ମୀ ବାଇକ୍ ଶୋଭାଯାତ୍ରାରେ ମହେଶ୍ୱରପୁର ପଞ୍ଚାୟତର କବିରପୁର, ପୁରୁଷୋତ୍ତମପୁର, ଜଗଦୀଶପୁର, ମହେଶ୍ୱରପୁର, ଜୟପୁର, ମିରପାଟଣା, ବରହମପୁର ଆଦି ୧୪ଟି ୱାର୍ଡରେ ବୁଲି ଆଶୀର୍ବାଦ ଭିକ୍ଷା କରିଥିଲେ। ଘରକୁ ଘର ବୁଲିବା ସମୟରେ ପ୍ରତ୍ୟେକ ଭୋଟରଙ୍କୁ ଭେଟି ଦୁଇଥର ଶଙ୍ଖ ଚିହ୍ନରେ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରି ଭାରତବର୍ଷରେ ଏକ ନୂତନ ଇତିହାସ ସୃଷ୍ଟି କରି ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ହାତମୁଠାକୁ ଟାଣ କରିବା ସହ ଯାଜପୁର ନିର୍ବାଚନମଣ୍ଡଳୀର ବିକାଶ ରଥକୁ ଆଗକୁ ବଢ଼ିବାରେ ସହଯୋଗ ନିମନ୍ତେ ନିବେଦନ କରିଥିଲେ।



# ଅଂଶୁମାନ ଓ ଅତନୁଙ୍କ ବିଶାଳ ଶୋଭାଯାତ୍ରା





**ମହାକାଳପଡ଼ା,୨୫।୫(ସମିସ)**

ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୨୧ ନମ୍ବର ଏବଂ ୨୬ନମ୍ବର ଜୋନ ଅଞ୍ଚଳରେ ବିଜୁ ଜନତାଦଳ ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ଏବଂ ବିଧାୟକ ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକଙ୍କ ରୋଡ଼ ସୋ ଏବଂ ନିର୍ବାଚନୀସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ୨୧ ନମ୍ବର ଜୋନ ଟିକରପଙ୍ଗା ପଞ୍ଚାୟତର ନଳଦିଆଗଡାଠାରୁ ହଜାର ହଜାର ସମର୍ଥକଙ୍କ ସହିତ ବିଶାଳ ଶୋଭାଯାତ୍ରାରେ ଯାଇ ପାଟଲିପଙ୍କ ଖୁରୁଷିଆ, ଅମେଇପାଳ, ତିଖିରୀ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା ସହିତ ୨୬ନମ୍ବର ଜୋନର ମଙ୍ଗରାଜପୁର, ବଟିରା, ଅନ୍ତେଇ, ତାଳସଙ୍ଗା ପ୍ରଭୃତି ପଞ୍ଚାୟତରେ ରୋଡ଼ ସୋ କରି ଭୋଟ ଭିକ୍ଷା କରିଥିଲେ। ଅନ୍ତେଇ ପଞ୍ଚାୟତର ପାଇଲୋ ଗ୍ରାମରେ ନିର୍ବାଚନୀ ସଭା କରି ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଅଂଶୁମାନ ମହାନ୍ତି ଏବଂ ଅତନୁ ସବ୍ୟସାଚୀ ନାୟକ ଜନସାଧାରଣଙ୍କୁ ନିବେଦନ କରିଥିଲେ।

**ଆରମ୍ଭ ହେଲା ହୋମ୍ ଭୋଟିଂ**

# ୮୫ ବର୍ଷର ଦିବ୍ୟାଙ୍ଗ ଦେଲେ ପ୍ରଥମ ଭୋଟ

**ଯାଜପୁର, ୨୫।୫(ସମିସ):** ଚଳିତ ନିର୍ବର୍‌ାଚନରେ ପ୍ରଥମଥର ପାଇଁ ହୋମ ଭୋଟିଂର ବ୍ୟବସ୍ଥା ଲାଗୁ କରୁଛନ୍ତି କେନ୍ଦ୍ର ନିର୍ବାଚନ କମିସନର। ୮୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଓ ଭିନ୍ନକ୍ଷମ ଭୋଟର ଭୋଟର ଗ୍ରହଣ କେନ୍ଦ୍ରକୁ ନ ଯାଇ ନିଜ ଘରେ ଭୋଟ ଦେବାର ବ୍ୟବସ୍ଥା ହୋଇଛି। ଏଥିପାଇଁ ଆଜିଠାରୁ ଯାଜପୁର ଜିଲ୍ଲାରେ ଏହି ହୋମ ଭୋଟିଂର ଶୁଭାରମ୍ଭ ହୋଇଛି। ଆଜି ୪୫ ବର୍ଷର ଦିବ୍ୟାଙ୍ଗ ପ୍ରଥମ ଭୋଟ ଦେଇଛନ୍ତି। ଯାଜପୁର ଜିଲ୍ଲାପାଳ ନିଖିଳ ପବନ କଲ୍ୟାଣ ଯାଜପୁର ପୌରପାଳିକା ଅନ୍ତର୍ଗତ ସନ୍ଥମାଧବ ଅଞ୍ଚଳରେ ଚାଲିଥିବା ହୋମ ଭୋଟିଂ କାର୍ଯ୍ୟର ତଦାରଖ କରି ଏହା ଏକ ଅତି ସରଳ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ୮୫ ବର୍ଷରୁ ଅଧିକ ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ ଏହାଦ୍ୱାରା ଗଣତନ୍ତ୍ରର ସର୍ବୋତ୍କୃଷ୍ଟ ପର୍ବ ନିର୍ବାଚନରେ ସାମିଲ ହୋଇ ରାଷ୍ଟ୍ରର ଗଣତନ୍ତ୍ର ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଅତୁଳନୀୟ ଭୂମିକା ନିର୍ବାହ କରୁଛନ୍ତି ବୋଲି ଶ୍ରୀ କଲ୍ୟାଣ ପ୍ରକାଶ କରିବା ସହ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଜିଲ୍ଲାର ୧୧୫୪ ଜଣ ଭୋଟର ଏଥିପାଇଁ ପଂଜିକୃତ କରିଛନ୍ତି ବୋଲି ସୂଚନା ଦେଇଛନ୍ତି। ହୋମ ଭୋଟିଂ ପାଇଁ ପ୍ରତ୍ୟେକ ଟିମରେ ଦୁଇଜଣ ପୋଲିଂ ଅଫିସର, ସେକ୍ଟର ଅଫିସର, ପୁଲିସ କର୍ମଚାରୀ ରହିଛନ୍ତି। ନିର୍ବାଚନ କମିଶନରଙ୍କ ଏଭଳି ଉଦ୍ୟମ ଯୋଗୁଁ ଅନେକ ଭୋଟର ବେଶ୍ ଲାଭବାନ ହୋଇଛନ୍ତି ଓ ଏଥିପାଇଁ ଭୋଟରଙ୍କୁ ମଧ୍ୟ ଧନ୍ୟବାଦ ଦେଇଛନ୍ତି।

## ବିଜୁ ଜନତା ଦଳ କାର୍ଯ୍ୟାଳୟ ଉଦ୍‌ଘାଟିତ



**ପାରାଦୀପ,୨୫।୫(ସମିସ):** ବିଶ୍ୱାଳି ପଞ୍ଚାୟତରେ ଆଜି ବିଜୁ ଜନତା ଦଳର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ସରପଞ୍ଚ ମନୋରମା ମଲ୍ଲ, ସମିତି ସଭ୍ୟା ସତ୍ୟଭାମା ସାମଲ, ସମାଜସେବୀ ରାଜକିଶୋର ପତି, ଟୁକୁନା ପତି, ପାରାଦୀପ ଯୁବ ବିଜେଡି ସଭାପତି ମାନଭଞ୍ଜନ ମଲ୍ଲ, ନାଏବ ସରପଞ୍ଚ ନିତ୍ୟାନନ୍ଦ ଦାଶ, ପୂର୍ବତନ ସରପଞ୍ଚ ସୁପ୍ରଭା ସାହୁ ଓ ୧୩ ନମ୍ବର ୱାର୍ଡମେମ୍ବର ପ୍ରମିଳା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ନୂତନ କାର୍ଯ୍ୟାଳୟକୁ ସରପଞ୍ଚ ମନୋରମା ମଲ୍ଲ ଉଦ୍‌ଘାଟନ କରିଥିଲେ। ଏଥିରେ ପଞ୍ଚାୟତର ବହୁ ଦଳୀୟ କର୍ମୀ ଓ ମହିଳା ଉପସ୍ଥିତ ଥିଲେ।

## ବିଜେଡି ନେତାଙ୍କ ପରଲୋକ

**ବାଲିକୁଦା,୨୫।୫(ସମିସ):** ବାଲିକୁଦା ବ୍ଲକ ଅଳାଭର ପଞ୍ଚାୟତ କୁଳିଆଗାଁ ଗ୍ରାମର ବରିଷ୍ଠ ନାଗରିକ ତଥା ବିଜେଡି ନେତା ବିଜୟ କୁମାର ଶତପଥୀଙ୍କ ୬୬ବର୍ଷ ବୟସରେ ପରଲୋକ ଘଟିଛି। ସେ ପଞ୍ଚାୟତ ର ଅଗଧାଡିର ବିଜେଡି ନେତା ଭାବେ ଜଣାଶୁଣା। ଏଥିସହ ଅଞ୍ଚଳର କୁଳ ପୁରୋହିତ ଭାବେ ମଧ୍ୟ କାର୍ଯ୍ୟ କରୁଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବାଲିକୁଦା ଏରସମା ବିଜେଡି ପ୍ରାର୍ଥୀ ସାରଦା ପ୍ରସନ୍ନ ଜେନା, ସମିତିସଭ୍ୟ ହରିଶ୍ଚନ୍ଦ୍ର ଶତପଥୀ, ବାଲିକୁଦା ବ୍ଲକ ଦୈନିକ ସମ୍ବାଦପତ୍ର ସକାଳ ପ୍ରତିନିଧି ଅଜୟ କୁମାର ରାଉତ, ସମାଜ ସେବୀ ବିଭୁତି ଭୂଷଣ ସ୍ୱାଇଁ, ମନୋରଞ୍ଜନ ସାହୁ, ଅଶୋକ ବିଶ୍ୱାଳ, ବିଜେଡି ପଞ୍ଚାୟତ ସଭାପତି ଦୋଳଗୋବିନ୍ଦ ଶତପଥୀ, ବାଲିକୁଦା ବ୍ଲକ ବିଜେଡି ସଭାପତି ରତ୍ନାକର ନାୟକ, ନିତ୍ୟାନନ୍ଦ ଦାସ ପ୍ରମୁଖ କୁଳିଆଗାଁ ସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ଜ୍ୟେଷ୍ଠପୁତ୍ର ମନୋରଞ୍ଜନ ମୁଖାଗ୍ନି ଦେଇଥିଲେ।

## ପୌରାଞ୍ଚଳରେ ବିଜେଡିର ମହିଳା ସମାବେଶ



**ପାରାଦୀପ,୨୫।୫(ସମିସ):** ପାରାଦୀପ ପୌରାଞ୍ଚଳରେ ବିଜେଡି ତାର ପ୍ରଚାରକୁ ଜୋରଦାର କରିଛି। ପୌର ପରିଷଦର ୱାର୍ଡ ନମ୍ବର ୧୭ ଓ ୧୮ ରେ ଆଜି ବିଜୁ ଜନତା ଦଳ ପକ୍ଷରୁ ରାଜ୍ୟ ବିଜୁ ଶ୍ରମିକ ସାମୁଖ୍ୟର କାର୍ଯ୍ୟକାରୀ ସଭାପତି ମୋନୀଦୀପା ସର୍ଖେଲ ମହିଳା ମାନଙ୍କୁ ନେଇ ଏକ ସମାବେଶର ଆୟୋଜନ କରିଥିଲେ। ଏଥିରେ ପୌର ପରିଷଦର ଉପାଧ୍ୟକ୍ଷା ଛବିଲତା ରାଉତ, ସମୀର ବିଶ୍ୱାଳ, ବରିଷ୍ଠ ବିଜେଡ଼ି ନେତା ତଥା କାଉନସିଲର ଜଗନ୍ନାଥ ରାଓ ଓ ଚକ୍ରଧର ପରିଡ଼ାଙ୍କ ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ। ବିଧାୟିକା ପ୍ରାର୍ଥୀନୀ ଗୀତାଞ୍ଜଳି ରାଉତରାୟ ଓ ସାଂସଦ ପ୍ରାର୍ଥୀନୀ ଡଃ ରାଜଶ୍ରୀ ମଲ୍ଲିକଙ୍କୁ ଶଙ୍ଖ ଚିହ୍ନରେ ଦୁଇ ଥର ଭୋଟ ଦେଇ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ଆଶୀର୍ବାଦ ମାଗିଥିଲେ।

## ନିଖିଳ ଉତ୍କଳ ବାରିକ ସମିତି ଜିଲ୍ଲା ସମ୍ମିଳନୀ

**ପାରାଦୀପ,୨୫।୫(ସମିସ):** ନିଖିଳ ଉତ୍କଳ ବାରିକ ସମିତିର ଜଗତ୍‌ସିଂହପୁର ଜିଲ୍ଲା ସମ୍ମିଳନୀ ଶନିବାର ପାରାଦୀପ ମଧୁବନସ୍ଥିତ ଶ୍ରମିକ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କିଶୋର ବାରିକ ପୌରହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ସଭାପତି ହେମନ୍ତ ବାରିକ ଯୋଗ ଦେଇ ସେଲୁନ୍ କାରିଗରଙ୍କୁ କୁଶଳୀ କାରିଗର ମାନ୍ୟତା ଦେବା ସହ ମାସିକ ଭତ୍ତା ପ୍ରଦାନ ନିମନ୍ତେ ରାଜ୍ୟ ସରକାରଙ୍କୁ ଦାବି କରାଯାଇଥିବା କହିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଉପସଭପତି କୁଳମଣି ବାରିକ, ଜିଲ୍ଲା ଉପସଭାପତି ଅକ୍ଷୟ ବାରିକ, କଟକ ଜିଲ୍ଲା ସଭାପତି ଅକ୍ଷୟ କୁମାର ବାରିକ, ଜିଲ୍ଲା କୋଷାଧ୍ୟକ୍ଷ ଧ୍ରୁବ ବାରିକ, କୁଜଙ୍ଗ ବ୍ଲକ ସଭାପତି ଜପହରି ବାରିକ, ପାରାଦୀପ ପୌରାଞ୍ଚଳ ସଭାପତି ପ୍ରଭାତ ବାରିକ, ସମ୍ପାଦକ ଲକ୍ଷ୍ମୀଧର ବାରିକଙ୍କ ସମେତ ବାଲିକୁଦା, ଏରସମା, ନାଉଗାଁ ଅଞ୍ଚଳର ସଦସ୍ୟ ଓ କର୍ମକର୍ତ୍ତାମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

### ଜଗତସିଂହପୁର ଜିଲ୍ଲାରେ ପୋଷ୍ଟାଲ ଭୋଟିଂ ପ୍ରକ୍ରିୟା ଜାରି

# ପଞ୍ଜିକୃତ ୬୦୯୮ଙ୍କ ମଧ୍ୟରୁ ୨୨୭୦ କରିଛନ୍ତି ମତଦାନ







**ଜଗତସିଂହପୁର,୨୫।୫(ସମିସ):** ଜଗତସିଂହପୁର ଜିଲ୍ଲାରେ ଆସନ୍ତା ଜୁନ୍ ୧ ତାରିଖ ରେ ଏକକାଳୀନ ସାଧାରଣ ନିର୍ବାଚନ ନିମନ୍ତେ ଭୋଟ ଗ୍ରହଣ କରାଯିବ। ଗଣତନ୍ତ୍ରର ଏହି ମହାନ ପର୍ବରେ ସାମିଲ ହୋଇ ମତଦାନ କରିବା ପାଇଁ ଜିଲ୍ଲାସ୍ତରରେ ଜିଲ୍ଲାପାଳ ଅନୁପମ ସାହାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ଯେଉଁମାନେ ଅତ୍ୟାବଶ୍ୟକୀୟ ସେବାରେ ନିୟୋଜିତ ହୋଇଛନ୍ତି ସେମାନଙ୍କ ପାଇଁ ଜିଲ୍ଲାରେ ୨୦ ଟି ଫାସିଲିଟେସନ ସେଣ୍ଟର ଖୋଲାଯାଇଛି, ଯେଉଁଠାରେ ଏହି ପଞ୍ଜୀକୃତ ଭୋଟରମାନେ ମତଦାନ କରିପାରିବେ। ଜିଲ୍ଲାରେ ଗତ ୨୩ତାରିଖ ଠାରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି। ଯେଉଁଥିରେ ଆବଶ୍ୟକୀୟ ସେବା ଯଥା ସ୍ୱାସ୍ଥ୍ୟ ସେବା, ପୁଲିସ ସେବା, ବିଦ୍ୟୁତ ସେବା, ଅଗ୍ନିଶମ ସେବା ଓ ଗଣମାଧ୍ୟମ ପ୍ରତିନିଧି, ନିର୍ବାଚନ କାର୍ଯ୍ୟରେ ନିୟୋଜିତ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀ ପ୍ରମୁଖ ନିଜର ମତଦାନ କରିଛନ୍ତି। ଜିଲ୍ଲାରେ ପୋଷ୍ଟାଲ ଭୋଟ ଜରିଆରେ ଭୋଟ ଦେବାକୁ ମୋଟ ୬୦୯୮ ଜଣ ପଞ୍ଜିକୃତ ହୋଇଛନ୍ତି। ଗତକାଲି ସୁଦ୍ଧା ୨୨୭୦ ଜଣ ଭୋଟର ପୋଷ୍ଟାଲ ବାଲଟ ଜରିଆରେ ମତଦାନ କରିଛନ୍ତି। ପୋଷ୍ଟାଲ ହୋମ ଭୋଟିଂ ଜରିଆରେ ଜିଲ୍ଲାରେ ୬୭୬ ଜଣ ବୟସ୍କ ନାଗରିକ ମତଦାନ କରିବାକୁ ୩୭ ଗୋଟି ହୋମ ଭୋଟିଂ ଟିମ ନିୟୋଜିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଗଣମାଧ୍ୟମ ପ୍ରତିନିଧିମାନେ ଶୃଙ୍ଖଳିତ ଭାବେ ପୋଷ୍ଟାଲ ଭୋଟିଂ ଜରିଆରେ ନିଜର ମତଦାନ କରିଛନ୍ତି। ଉପଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଓ ଅତିରିକ୍ତ ଉପଜିଲ୍ଲାପାଳ ତଥା ପୋଷ୍ଟାଲ ଭୋଟିଂ ନୋଡାଲ ଅଫିସର ବିବୁଧ ଗଡ଼ନାୟକଙ୍କ ତତ୍ତ୍ୱାବଧାନରେ ଆଜି ଏହି ଭୋଟିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

● ୩୭ ହୋମ୍ ଭୋଟିଂ ଟିମ୍ ନିୟୋଜିତ

## ବିଜେଡିରେ ମିଶିଲେ ବିଜେପି ସମର୍ଥିତ ସରପଞ୍ଚ



**ବାଲିକୁଦା,୨୫।୫(ସମିସ):** ବାଲିକୁଦା ବ୍ଲକ ଅଳାବୋଳ ପଞ୍ଚାୟତ ବିଜେପି ସମର୍ଥିତ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଥିବା ଚିତ୍ତରଞ୍ଜନ ମନ୍ତ୍ରୀ ଆଜି ବିଜେପି ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଏହି ଘଟଣାକୁ ନେଇ ରାଜନୀତି ମହଲରେ ଆଲୋଡନ ସୃଷ୍ଟି ହୋଇଛି। ଗତ ପଞ୍ଚାୟତ ନିର୍ବାଚନରେ ବାଲିକୁଦା ବ୍ଲକରେ ବିଜେପି ଦେଇଥିବା ସମସ୍ତ ପ୍ରାର୍ଥୀଙ୍କ ମଧ୍ୟରୁ ଚିତରଞ୍ଜନ ମନ୍ତ୍ରୀ ବିଜେପି ଦଳରୁ ଏକମାତ୍ର ପ୍ରାର୍ଥୀ ଭାବରେ ବିଜୟ ହୋଇଥିଲେ। ନିର୍ବାଚନ ସମୟରେ ବିଜେପି ଦଳ ପକ୍ଷରୁ ତାଙ୍କୁ ଅଣଦେଖା କରାଯାଉଥିବାରୁ ସେ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା କହିଛନ୍ତି। ସେ ଏ ବାବଦରେ ବିଜେପି ରାଜ୍ୟ ସଭାପତିଙ୍କୁ ଲିଖିତ ଆକାରରେ ପ୍ରଦାନ କରିଛନ୍ତି। ସେ ତାଙ୍କ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି କି ନିର୍ବାଚନ ମଣ୍ଡଳୀର ବାରମ୍ବାର ଦଳୀୟ ପ୍ରାର୍ଥୀ ବଦଳ ହେଉଥିବାବେଳେ ସେମାନେ ନିର୍ବାଚନ ଲଢ଼ି ସାରିବା ପରେ ନିର୍ବାଚନ ମଣ୍ଡଳୀ ଛାଡ଼ି ଉଭାନ ହୋଇଯାଉଛନ୍ତି। ଏଣୁ ଦଳୀୟ କର୍ମୀ ସର୍ବଦା ଅବହେଳାର ଶିକାର ହେଉଥିବା ଉଲ୍ଲେଖ କରିଛନ୍ତି। ଏପରିକି ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ହୋଇଥିବା ନେତା ତାଙ୍କ ସହ କୌଣସି ଯୋଗାଯୋଗ ମଧ୍ୟ କରିନାହାନ୍ତି। ତେଣୁ ଦଳୀୟ କାର୍ଯ୍ୟଧାରା ଓ ଦଳୀୟ ବିଧାୟକ ପ୍ରାର୍ଥୀଙ୍କ ଉପରେ ଅସନ୍ତୋଷ ପ୍ରକାଶ କରି ଦଳ ଛାଡିଥିବା କହିଛନ୍ତି।

## ବେଣିପୁର ଓ ରଘୁଦେଇପୁରରେ ଘରେ ଘରେ ଶଙ୍ଖ



**ପଞ୍ଚୁପାଣ୍ଡବ,୨୫।୫(ସମିସ):** ଚଳିତ ସାଧାରଣ ନିର୍ବାଚନ ପାଟକୁରା ନିର୍ବାଚନ ମଣ୍ଡଳୀରେ ଆସନ୍ତା ୧ ତାରିଖରେ ଅନୁଷ୍ଠିତ ହେବାକୁଥିବା ବେଳେ ବିଜେଡ଼ି ଦଳ ପକ୍ଷରୁ ଡେରାବିଶରେ ପ୍ରଚାର କାର୍ଯ୍ୟକ୍ରମକୁ ଜୋରଦାର କରାଯାଇଛି। ଆଜି ଅପରାହ୍ନରେ ବରିଷ୍ଠ ବିଜେଡ଼ି ନେତା ସୁଦିପ୍ତ ସାମଲଙ୍କ ନେତୃତ୍ୱରେ ବ୍ଲକ ଅନ୍ତର୍ଗତ ବେଣିପୁର ପଞ୍ଚାୟତର ବେଣିପୁର ମହାଦେବ ମନ୍ଦିର ନିକଟରେ ଉପସ୍ଥିତ ଶହଶହ କର୍ମୀମାନଙ୍କ ନିକଟରେ ପାଟକୁରାର ବିଜେଡ଼ି ପ୍ରାର୍ଥୀ ଅରବିନ୍ଦ ମହାପାତ୍ର ପହଞ୍ଚି ବେଣିପୁର ବଜାରରେ ପଦଯାତ୍ରା କରି ଘରକୁ ଘର ବୁଲି ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚିତ କରିବା ପାଇଁ ନିବେଦନ କରିଥିଲେ। ପରେ ବେଣିପୁର ସରପଞ୍ଚ ମୋହନ ଚରଣ ସାହୁ, ସମିତିସଭ୍ୟା କବିତା ସେଠୀ, ସମାଜସେବୀ ଚିନ୍ମୟ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏକ ବାଇକ୍ ର୍‌ୟାଲିରେ ପଞ୍ଚାୟତ ଅନ୍ତର୍ଗତ ବେଣିପୁର, ସଦାନନ୍ଦପୁର, ବଜାର, ନିମାପଡ଼ା ଓ ରାୟତୁଣ୍ଡି ଗ୍ରାମକୁ ଯାଇ ନବୀନ ପଟ୍ଟନାୟକଙ୍କ ସୁଶାସନ ଓ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ସମ୍ବନ୍ଧରେ ବୁଝାଇବା ସହ ଯୋଡ଼ିଶଙ୍ଖରେ ଭୋଟ ଦେଇ ଉଭୟ ବିଧାନସଭା ପାଇଁ ଅରବିନ୍ଦ ମହାପାତ୍ର ଓ ଲୋକସଭା ପାଇଁ ଅଂଶୁମାନ ମହାନ୍ତିଙ୍କୁ ଭୋଟ ଦେବାପାଇଁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଦିପ୍ତ କିଶୋର ସାମଲ, ଚିନ୍ମୟ ସାହୁ, ସୁବାଷ ଘଡ଼େଇ, ରବିନ୍ଦ୍ର ମଲିକ, ମାୟାଧର କବି, ଶିଶିର ମଲିକ, ପ୍ରକାଶ ଚନ୍ଦ୍ର ସାହୁ, ବୃନ୍ଦାବନ ମଣ୍ଡଳ, ଅନାଦି ଚରଣ ବେହୁରା, ବାବୁନି ପରିଡ଼ା, ପ୍ରଶାନ୍ତ ସାମଲ, ଚିନ୍ମୟ ସାହୁ, ନାରାୟଣ ନାଥଶର୍ମା, ଅଭୟ କୁମାର ଦାସ, ପ୍ରଦରପ ସାମଲ, ରବିନ୍ଦ୍ର ମଲିକ ପ୍ରମୁଖ ପରିଚାଳନା କରିଥିଲେ। ପରେ ଶ୍ରୀ ମହାପାତ୍ର ରଘୁଦେଇପୁର ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଏକ ବାଇକ୍ ର୍‌ୟାଲିରେ ଯାଇ ଭୋଟ ଭିକ୍ଷା କରିଥିଲେ।

## ଏଚ୍‌ପିସି ହକି ଗ୍ରୀଷ୍ମ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



**ପାରାଦୀପ,୨୫।୫(ସମିସ):** ଚଳିତ ମାସ ୬ରୁ ୨୫ ପର୍ଯ୍ୟନ୍ତ ଦୀର୍ଘ ୨୦ଦିନ ଧରି ପିପିଏଲ୍ ପାରାଦ୍ୱୀପ ପରିସରରେ ଥିବା ଡିଏଭି ପବ୍ଲିକ୍ ସ୍କୁଲଠାରେ ଚାଲିଥିବା ଟାଟା ହକି ହାଇ ପରଫରମାନ୍ସ ସେଣ୍ଟରର ଗ୍ରୀଷ୍ମ ହକି ପ୍ରଶିକ୍ଷଣ ଶିବିର ଆଜି ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରକୁ ଗତ ୬ତାରିଖରେ ପିପିଏଲ୍ ପାରାଦୀପର ମୁଖ୍ୟ ମାନବ ସମ୍ବଳ ଅଧିକାରି ସୁମିତ୍ ସେନାପତି ଆନୁଷ୍ଠାନିକ ଭାବରେ ଉଦ୍‌ଘାଟିତ କରିଥିଲେ। ଏହି ଗ୍ରୀଷ୍ମ ପ୍ରଶିକ୍ଷଣ ଶିବିରରେ ୮୦ ଜଣ ଛାତ୍ରଛାତ୍ରୀ ହକି ଖେଳର ପ୍ରଶିକ୍ଷଣ ନେଇଥିଲେ। ୨ଜଣ ପ୍ରଶିକ୍ଷକ ସୁମିତ ଲାକ୍ରା ଓ ମମତା କିଣ୍ଡୋଙ୍କ ପ୍ରଶିକ୍ଷଣ ଦେଇଥିଲେ। ହକି ଖେଳକୁ ଛାଡି ଏହି ପ୍ରଶିକ୍ଷଣ କେନ୍ଦ୍ରରେ ଛାତ୍ରଛାତ୍ରୀମାନେ ଶାରିରୀକ ବ୍ୟାୟାମ ଯୋଗ ଓ ଅନ୍ୟାନ୍ୟ କୌଶଳର ଶିକ୍ଷା ମଧ୍ୟ ଗ୍ରହଣ କରିଥିଲେ। ପିପିଏଲ୍ ପାରାଦୀପର ମୁଖ୍ୟ ପାଲାନିସାମି ଭେଲୁସାମି ମଧ୍ୟ ଏହି ଗ୍ରୀଷ୍ମ ଶିବିରରେ ହକି ଖେଳର ପ୍ରଶିକ୍ଷଣ ନେଇଥିବା ଛାତ୍ରଛାତ୍ରୀମାନଙ୍କୁ ଦେଖାକରିବା ସହିତ ଏହି ଖେଳପାଇଁ ଯାହା ଆନୁସଙ୍ଗିକ ସୁବିଧା ଦରକାର ପିପିଏଲ୍ ଯୋଗାଇ ଦେବ ବୋଲି ଘୋଷଣା କରିଥିଲେ। ଏହି ସମସ୍ତ କାର୍ଯ୍ୟ ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜିବ୍ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ବିଦ୍ୟାଳୟର ମୁଖ୍ୟ କ୍ରୀଡା ଶିକ୍ଷକ ଶାଶ୍ୱତ କୁମାର ଭାରତୀୟ ଏହି ଶିବିରରେ ସହଯୋଗ କରିଥିଲେ। ଟାଟା ହକି ଏଚ୍ ପିସି ପିପିଏଲ୍ ପାରାଦୀପକୁ ସେଣ୍ଟରକୁ ଛାଡି ଓଡିଶାର ଅନ୍ୟ ସହରରେ ଥିବା ଏହି ହକି ପ୍ରଶିକ୍ଷଣ ଶିବିର ମଧ୍ୟ ସାରା ରାଜ୍ୟରେ ୬ମଇରୁ ୨୫ ମଇ ୨୦ ଦିନ ଧରି ଚାଲିଥିଲା।

## ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଓ ଭଜନ ସମ୍ରାଟ ଭିକାରୀ ବଳଙ୍କୁ ଶ୍ରଦ୍ଧାଞ୍ଜଳି

**ଜଗତସିଂହପୁର,୨୫।୫(ସମିସ):** ଜଗତସିଂହପୁର ସାରସ୍ୱତ ପରିଷଦ ଓ ପ୍ରଫୁଲ୍ଲ ପାଠାଗାର ପକ୍ଷରୁ ଦୁଇ ଯୋଗଜନ୍ମା ବରପୁତ୍ର ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ୫୦ତମ ଶ୍ରାଦ୍ଧବାର୍ଷିକୀ ଓ ଭଜନ ସମ୍ରାଟ ଭିକାରୀ ବଳଙ୍କ ୯୫ତମ ଜୟନ୍ତୀ ପାଠାଗାରଠାରେ ପାଳିତ ହୋଇଯାଇଛି। ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆ.ର୍ଯ୍ୟ ଏଥିରେ ସଭାପତିତ୍ୱକରି ଏହି ଦୁଇ ଯୋଗଜନ୍ମା ବରପୁତ୍ରଙ୍କୁ ଜନ୍ମ ଦେଇ ଉତ୍କଳ ଜନନୀ ଧନ୍ୟ ହୋଇଛି ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ପାଠାଗାରର ସଭାପତି ତଥା ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର ନାଥ ତ୍ରିପାଠୀ ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଓ ଓଡିଶାର ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ସ୍ୱର୍ଗତ କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନ ଅବିସ୍ମରଣୀୟ ହୋଇ ରହିବ ବୋଲି ମତ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ବିଜୟ ପତି ତାଙ୍କ ବକ୍ତବ୍ୟରେ ଭିକାରୀ ବଳ ଓଡିଆ ଭକ୍ତି ସଙ୍ଗୀତର ଏକ ସମର୍ପିତ ସ୍ୱର ଥିଲେ ବୋଲି କହିବା ସହ ସେ ଗାଇଥିବା ସଙ୍ଗୀତ ଏବେବି ଅଗଣିତ ଜଗନ୍ନାଥ ପ୍ରେମୀଙ୍କ ହୃଦୟକୁ ଭକ୍ତିରସରେ ଆନ୍ଦୋଳିତ କରେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ସତ୍ୟବାଦୀ ଦାସ, ଚନ୍ଦ୍ରଶେଖର ରାୟ, ରମେଶ ଚନ୍ଦ୍ର ସାହୁ, ସଞ୍ଜୟ ସାମନ୍ତସିଂହାର, ଅଞ୍ଜନ ଜେନା, ସତ୍ୟବାଦୀ ସାହୁ ଓ ବ୍ରହ୍ମାନନ୍ଦ ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଓ ଭଜନ ସମ୍ରାଟ ଭିକାରୀ ବଳଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ପାଠାଗାରର ସମ୍ପାଦକ ସୁରେନ୍ଦ୍ର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଣ୍ଡିଆନଙ୍କ ପାରାଦୀପ ଗସ୍ତ ପରେ ଚଳଚଞ୍ଚଳ ବିଜେଡି

### ୫୦ ହଜାର ମାର୍ଜିନରେ ଜିତିବାକୁ ବ୍ଲୁପ୍ରିଣ୍ଟ

**ପାରାଦୀପ,୨୫।୫(ସମିସ):** ଗତ ୨୩ ତାରିଖରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ପାରାଦୀପ ଗସ୍ତ ଶେଷ ହୋଇଛି। ଏହାପରେ ପାରାଦୀପ ନିର୍ବାଚନମଣ୍ଡଳୀ ଏକ ପ୍ରକାର ଚଳଚଞ୍ଚଳ ହୋଇ ଉଠିଛି। ସେଦିନ ଆୟୋଜିତ ନିର୍ବାଚନୀ ସଭାରେ ଉପସ୍ଥିତ ଜନତା ବିଧାୟିକା ପ୍ରାର୍ଥୀନୀ ଗୀତାଞ୍ଜଳିଙ୍କୁ ୫୦ ହଜାର ମାର୍ଜିନରେ ଜିତାଇବାକୁ ଦେଇଥିବା ପ୍ରତିଶ୍ରୁତିକୁ ଏବେ ପାଳନ କରିବାକୁ ଲାଗି ପଡିଛନ୍ତି। ନେତା ଓ ଜନତା ଏକଜୁଟ ହୋଇ ପାରାଦୀପ ନିର୍ବାଚନ ମଣ୍ଡଳୀରେ ବିଜେଡିର ଏହି ଐତିହାସିକ ବିଜୟ ଲକ୍ଷର ସଂକଳ୍ପ ନେଇଛନ୍ତି। ପାରାଦୀପ ପୌରାଞ୍ଚଳର ସମସ୍ତ ୧୯ଟି ୱାର୍ଡକୁ ବିଜେଡି ଏକ ପ୍ରକାର କବ୍‌ଜାରେ ରଖିସାରିଛି। ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ସହିତ କାନ୍ଧ ମିଳାଇଥିବା ବିଜେଡିର ଆଗ ଧାଡିର ନେତା ତଥା ଜିଲ୍ଲା ଉପ ସଭାପତି ଜ୍ୟୋତିକାନ୍ତ ପରିଡା (ବାପୁ) ଓ କୁମରବର ନାୟକ, ଜିଲ୍ଲା ସମ୍ପାଦକ ଉଲ୍ଲାସ ଚନ୍ଦ୍ର ବିଶ୍ୱାଳ, ରଶ୍ମିରଞ୍ଜନ ପରିଡାଙ୍କ ସମେତ ବାପି ସର୍ଖେଲଙ୍କ ସଂଗଠନର ସମୀର ବିଶ୍ୱାଳ, ଅନୁପ ସାହାଣୀ, ଲାପନ ପରିଡା ଓ ଅନୀଲ ସେନାପତି ପ୍ରମୁଖ ସମ୍ପିତ ରାଉତରାୟଙ୍କ ପ୍ରଚେଷ୍ଟାରେ ସଂଗଠିତ ହୋଇ ଗୀତାଞ୍ଜଳିଙ୍କ ସପକ୍ଷରେ ଲଢେଇ ଜୋରଦାର କରିବା ସହିତ ପ୍ରଚାରକୁ ଆଗେଇ ନେଇଛନ୍ତି। ଦିନରାତି ଏକ କରି ପ୍ରତି ୱାର୍ଡ ବୁଲି ବିଜେଡି ସଙ୍ଗଠନକୁ ମଜଭୁତ କରିଛନ୍ତି। କର୍ମୀମାନଙ୍କର ଏହି ଜୋସ୍ ପାଣ୍ଡିଆନଙ୍କ ଗସ୍ତ ପରେ ହିଁ ଅନୁଭୂତ ହେଉଥିବା ଦେଖିବାକୁ ମିଳିଛି। ତେବେ ପୌରାଞ୍ଚଳ ଛାଡି ଦେଲେ ବାକି କୁଜଙ୍ଗ ଓ ତିର୍ତ୍ତୋଲ ବ୍ଲକର ୩୬ ପଞ୍ଚାୟତର ସ୍ଥିତିକୁ ନିଜ ଉଦ୍ୟମରେ ସମ୍ପିତ ରାଉତରାୟ ଏକ ପ୍ରକାର ସୁଧାରି ଆଣିଛନ୍ତି। ଦାମ ବାବୁଙ୍କ ଗଡ କୁହାଯାଉଥିବା କୁଜଙ୍ଗକୁ ସମ୍ପିତ କେବେ ହାତ ଛଡା ନ କରିବା ପାଇଁ ଚେଷ୍ଟା ମଧ୍ୟ ଜାରି ରଖିଛନ୍ତି। ସ୍ୱର୍ଗତ ଦାମ ବାବୁ କୁଜଙ୍ଗ ଅଞ୍ଚଳରେ ରାଜନୀତିକୁ ଆଣିଥିବା ବହୁ ବିଜେଡି ନେତା ଏବେ ସମ୍ପିତଙ୍କ ସାଙ୍ଗରେ ରହି ଗୀତାଞ୍ଜଳିଙ୍କୁ ଜିତାଇବାକୁ ଅଣ୍ଟା ଭିଡିଛନ୍ତି। ସେହିଭଳି କୁଜଙ୍ଗ ବ୍ଲକ ଅଞ୍ଚଳରେ ବାପି ସର୍ଖେଲଙ୍କର ରହିଥିବା ଦବଦବାକୁ ସମ୍ପିତ ବାପିଙ୍କ ସହିତ ବୁଲି ସପକ୍ଷରେ ଆଣିଛନ୍ତି। ବାପି ସର୍ଖେଲଙ୍କ ନେତୃତ୍ୱରେ ଅନେକ ଜାଗାରେ ଦଳର ମିଶ୍ରଣ ପର୍ବ ଅନୁଷ୍ଠିତ ହେଉଛି। ବିଜେପି ଓ କଂଗ୍ରେସର ହାତ ଛାଡି ହଜାର ହଜାର ଲୋକ ବିଜେଡିରେ ଯୋଗ ଦେଇ ସାରିଛନ୍ତି। ତେବେ ଏବେ ବିଜେଡି ସହ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାବେ ବିଜେପି ଲଢ଼ିବାକୁ ଯାଉଛି। ଆସନ୍ତା ୨୭ରେ ମୁଖ୍ୟମନ୍ତ୍ରୀଙ୍କ ରାହମା ଗସ୍ତ ଓ ନିର୍ବାଚନୀ ସଭା ପାରାଦୀପ ନିର୍ବାଚନ ମଣ୍ଡଳୀ ବିଜେଡି ପାଇଁ ଆହୁରି ଅଧିକ ବଳ ଜୁଟାଇବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

## ସ୍ୱାମୀ ନିର୍ଭୟା ନନ୍ଦଙ୍କ ୧୦୪ ତମ ବିଶ୍ୱଶାନ୍ତି ମହାଯଜ୍ଞ

**ରଘୁନାଥପୁର,୨୫।୫(ସମିସ):** ରଘୁନାଥପୁର ବ୍ଲକ ଅନ୍ତର୍ଗତ, ଏରଡଙ୍ଗା ପଞ୍ଚାୟତ ଦାସଙ୍ଗସାହି ସ୍ଥିତ ରାଧାକାନ୍ତଜୀଉଙ୍କ ପୀଠସ୍ଥଳିରେ ଗତ ୨୪ ତାରିଖଠାରୁ ଶୁଭାରମ୍ଭ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞର ଦ୍ୱିତୀୟ ଦିବସରେ, ପ୍ରତ୍ୟୁଷରୁ ପୁଣ୍ୟତୋୟା ହଂସୁଆନଦୀରୁ ଏକ ବିଶାଳ କଳସ ଶୋଭାଯାତ୍ରା ଓ ଅଗ୍ନି ସ୍ଥାପନ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ନଦୀଘାଟରେ ସଂକଳ୍ପ କଳସ ପୂଜାର୍ଚ୍ଚନା କରାଯିବାପରେ, ଚାମର, ଅଳଟ, ଛତା, ଘଣ୍ଟ ଘଣ୍ଟା କାହାଳୀ, ଭେରି ତୂରୀ, ଢୋଲ ମହୁରୀ, ନାମ ସଂକୀର୍ତ୍ତନ ଓ ହରିବୋଲ ହୁଳହୁଳି ଧ୍ୱନୀ ମଧ୍ୟରେ ବର୍ଣ୍ଣାଢ଼୍ୟ ପଟୁଆର, ଠାକୁର ରାଧାକାନ୍ତଙ୍କ ପୀଠସ୍ଥଳିରେ ପହଞ୍ଚିଥିଲା। ଏଥିରେ ୧୦୮ ଜଣ ମହିଳା ଭକ୍ତ ଅଂଶଗ୍ରହଣ କରିଥିବା ବେଳେ, ଏରଡଙ୍ଗା ଓ ପୁରୁଣାବସନ୍ତ ପଞ୍ଚାୟତର ଶତାଧିକ ଶ୍ରଦ୍ଧାଳୁ ଭକ୍ତ ଓ ଅଞ୍ଚଳବାସୀ ଯୋଗ ଦେଇଥିଲେ। ଆଧ୍ୟାତ୍ମିକ ଧର୍ମଗୁରୁ ସନ୍ଥ ନିର୍ଭୟା ନନ୍ଦ ମହାରାଜଙ୍କ ମାର୍ଗଦର୍ଶନ ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ୧୦୪ ତମ ବିଶ୍ୱଶାନ୍ତି ମହାଯଜ୍ଞରେ ପ୍ରତିଦିନ, ଗୋପୂଜା, ସୂର୍ଯ୍ୟପୂଜା, ଦଶଦିଗପାଳ ପୂଜା , ବିଶ୍ୱମାତା ପୂଜା ମଣ୍ଡପରେ ଅଖଣ୍ଡଧୁନି ପ୍ରଜ୍ୱଳନ, ବୈଦିକ ବ୍ରାହ୍ମଣଙ୍କ ଦ୍ୱାରା ମହାଯଜ୍ଞରେ ଆହୂତି ପ୍ରଦାନ, ଠାକୁରଙ୍କ ଷୋଡ଼ଶ ଉପଚାର ପୂଜାର୍ଚ୍ଚନା ସହିତ ସହସ୍ରାଧିକ ତୁଳସୀ ଚଢ଼ା ଯିବ। ପ୍ରତ୍ୟେହ ନାମଯଜ୍ଞ, ଅନ୍ନଯଜ୍ଞ, ଜପଯଜ୍ଞ, ଜ୍ଞାନଯଜ୍ଞ ଆଦି ଆଧ୍ୟାତ୍ମିକ ସାରସ୍ୱତ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ବହୁ ସାଧୁସନ୍ଥ ଯୋଗଦେବେ ବୋଲି ଯଜ୍ଞ ପରିଚାଳନା କମିଟି କର୍ମକର୍ତ୍ତା ସୂଚନା ପ୍ରଦାନ କରିଛନ୍ତି। ଆସନ୍ତା ମେ ୩୧ ଦିନ ଯଜ୍ଞ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ରହିଛି।

